# କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରଜ ପର୍ବ ପାଳନରେ କଟକଣା ଜାରିକଲା ଜିଲ୍ଲା ପ୍ରଶାସନ

ସଂପ୍ରତି, ମହାମାରି କରୋନା ରାଜ୍ୟରେ ତାର କାୟା ବିସ୍ତାର କରିଚାଲିଥିବା ବେଳେ ଓଡ଼ିଶାର ଗଣପର୍ବ ରଜ ପାଳନ ଉପରେ ଆଜି ଅନୁଗୋଳ ଜିଲ୍ଲା ପ୍ରଶାସନ ତରଫରୁ କିଛି କଟକଣା ଜାରି କରାଯାଇଛି । ପାରମ୍ପାରିକ ଭାବେ ପାଳନ ହୋଇଆସୁଥିବା ଏହି ରଜ ପର୍ବରେ ସାମଜିକ ଦୂରତାକୁ ଦୃଷ୍ଟିରେ ରଖି ଏହି କଟକଣା ଜାରି କରାଯାଉଛି । ଚଳିତ ମାସ 14ରୁ 16 ତାରିଖ ମଧ୍ୟରେ ପାଳନ ହେଉଥିବା ଏହି ପର୍ବ ପାଇଁ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳର କୌଣସି ସ୍ଥାନରେ ସମୂହ ପଂକ୍ତି ଭୋଜନ, ସମୂହ ଦୋଳି ଖେଳ, କବାଡ଼ି ଖେଳ ଓ ସମୂହ ତାସ ଖେଳ ପ୍ରଭୃତି ବିଭିନ୍ନ ପାରମ୍ପାରିକ ସମୂହ ଖେଳ ଉପରେ କଟକଣା ଲଗାଯାଇଛି । ଏହା ଛଡ଼ା ସମୂହ ଦେବା, ଦେବୀ ପୂଜା ଓ ଧାର୍ମିକ ପୂଜା ଅନୁଷ୍ଠାନ ଏହି କଟକଣାର ଅନ୍ତର୍ଭୁକ୍ତ ଅଟେ ।  ସେହିପରି ହାଟ, ବଜାର ଓ ଦୋକାନ ଗୁଡ଼ିକରେ ଭିଡ଼ ଉପରେ ମଧ୍ୟ ଅଙ୍କୁଶ ଲଗାଯାଇଛି । ଏଥି ପାଇଁ ସମ୍ପୃକ୍ତ ବ୍ୟବସାୟୀ ମାନେ ବିଶେଷ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଛି । ଏଥିରେ ଖିଲାପ କଲେ ଆଇନ୍ ଅନୁଯାୟୀ ଦଣ୍ଡିତ ହେବେ ବୋଲି ଜିଲ୍ଲା ପ୍ରଶାସନ ତରଫରୁ ଚେତାଇ ଦିଆଯାଉଛି । ସର୍ବ ସାଧାରଣ ସ୍ଥାନରେ ପାନ କିମ୍ବା ଗୁଟଖା ସେବନ କରି ଥୁକ ପକାଇବାକୁ ବାରଣ କରାଯାଇଛି ।  ରଜ ଆମ ଓଡ଼ିଆ ମାନଙ୍କର ଏକ ମହାନ୍ ପର୍ବ । ସାଂପ୍ରତିକ ପରିସ୍ଥିତିରେ ସରକାର କରୋନା ସଂକ୍ରମଣକୁ ପ୍ରତିରୋଧ କରିବା ନିମନ୍ତେ ସାମାଜିକ ଦୂରତା ଉପରେ ଗୁରୁତ୍ୱ ଦେଉଛନ୍ତି । ଏହାକୁ ଦୃଷ୍ଟରେ ରଖି ଆମେ ସମସ୍ତେ ସରକାରଙ୍କ ନିୟମକୁ ମାନି ଘରେ ରହି ରଜ ପର୍ବ ପାଳନ କରିବା । ନିହାତି ଆବଶ୍ୟକ ହେଲେ ମାସ୍କ ପିନ୍ଧି ବାହାରକୁ ଆସିବା ଓ କୌଣସି ଜନ ସମାଗମ ସ୍ଥାନରେ ସମବେତ ନହେବାକୁ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଆଜି ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ
ଅନୁଗୋଳ

Scanned with CamScan